ପାଠ 14
पाठ

ଆମ ପରିବାର
आम परिवार

ମଧୁସ୍ମିତା : ତୁମ ନାଁ କ'ଣ ?

ସମୀନା : ମୋ ନାଁ ସମୀନା । ତୁମ ନାଁ ?

ମଧୁସ୍ମିତା : ମୁଁ ମଧୁସ୍ମିତା । ତୁମ ଘର କେଉଁଠି ? ତୁମେମାନେ ଏଠାକୁ କାହିଁକି ଆସିଛ ?

ସମୀନା : ମୋ ଘର ବନାରସରେ । ଆମେ ସବୁ ଗୋଟିଏ 'ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ' ଶିବିରରେ ଯୋଗ ଦେବାପାଇଁ ଭୁବନେଶ୍ୱର ଆସିଛୁ । ତୁମେ କ'ଣ ଏଇଠି ରହୁଛ ?

ମଧୁସ୍ମିତା : ହଁ, ମୁଁ ମୋ ମାମୁଁଙ୍କ ଘରେ ଏଇଠି ରହୁଛି । ସେ ଜଣେ ଡାକ୍ତର । ମୋ ବାପା ମା' ବାଲେଶ୍ୱରରେ ରହୁଛନ୍ତି ।

ସମୀନା : ଏଠି ତମ ଘରେ କିଏ କିଏ ଅଛନ୍ତି ?

हमारा परिवार

मधुस्मिता : तुम्हारा नाम क्या है?

समीना : मेरा नाम समीना है। तुम्हारा नाम?

मधुस्मिता : मैं मधुस्मिता हूँ। तुम्हारा घर कहाँ है? तुमलोग यहाँ क्यों आयी हो?

समीना : मेरा घर वाराणसी में है। हम राष्ट्रीय छात्र-सैनिक वाहिनी (नेशनल कैडेट कोर) के शिबिर में भाग लेने के लिए आई हैं। क्या तुम यहीं रहती हो?

मधुस्मिता : हाँ, मैं यहाँ अपने मामा के घर रहती हूँ। वे एक डॉक्टर हैं। मेरे माता पिता बालेश्वर में रहते हैं।

समीना : यहाँ तुम्हारे घर में कौन कौन हैं?

मधुस्मिता : यहाँ मेरे मामा-मामी हैं और नाना नानी हैं। मेरी मामी भी डाक्टरानी हैं। यहाँ के सरकारी

ମଧୁସ୍ମିତା : ଏଠାରେ ମୋ ମାମୁଁ ମାଇଁ ଅଛନ୍ତି ଆଉ ଅଜା ଆଇ ଅଛନ୍ତି । ମୋ ମାଇଁ ମଧ୍ୟ ଜଣେ ଡାକ୍ତରାଣୀ । ସେ ଏଠି ସରକାରୀ ହ୍ସପାତାଳରେ କାମ କରନ୍ତି ।	अस्पताल में वे काम करती हैं।
ସମୀନା : ତୁମର କେତେଜଣ ଭାଇ ଭଉଣୀ ?	समीना : तुम्हारे कितने भाई-बहन हैं?
ମଧୁସ୍ମିତା : ମୋର ଜଣେ ବଡ଼ ଭାଇ ଅଛନ୍ତି, ଆଉ ଗୋଟିଏ ସାନ ଭାଇ ଅଛି । ମୋ ବାପାଙ୍କର ମୁଁ ଗୋଟିଏ ବୋଲି ଝିଅ ଅଟେ । ମୋ ବାପା ମୋତେ ଖୁବ୍ ଭଲ ପାଆନ୍ତି । ଆଚ୍ଛା, ଏଥର ତୁମ ଘର କଥା କୁହ ।	मधुस्मिता : मेरे एक बड़ा भाई और एक छोटा भाई हैं। मैं अपने पिता की इकलौती लड़की हूँ। मेरे पिताजी मुझे बहुत चाहते हैं। अच्छा, अब अपने घर के बारे में बताओ।
ସମୀନା : ଆମ ବାପା ବୋଉଙ୍କର ଆମେ ଦୁଇଟି ଝିଅ । ମୋ ବଡ଼ ଭଉଣୀ ଆଉ ମୁଁ । ମୋ ବଡ଼ ଭଉଣୀର ବାହାଘର ମଧ୍ୟ ହୋଇଛି । ତାଙ୍କ ସ୍ୱାମୀଙ୍କର ନାଁ ବିମଳ । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ମୋ ବାପା ବୋଉ ନାତି ନାତୁଣୀମାନଙ୍କୁ ବହୁତ ଭଲ ପାଆନ୍ତି । ମୁଁ ମଧ୍ୟ ବଡ଼ ଭଉଣୀର ପିଲାମାନଙ୍କୁ	समीना : (अपने) माता-पिता की हम दो लड़कियाँ हैं। मेरी दीदी और मैं। मेरी बड़ी बहन की शादी हुई है। उन के पति का नाम विमल है। उन दोनों के एक लड़की और एक लड़का है। मेरे माता-पिता अपने नाती-नातिन को बहुत चाहते हैं। मैं भी दीदी के बच्चों को बहुत चाहती हूँ। वे भी हमें बहुत प्यार करते हैं।
	मधुस्मिता : छोटे बच्चों को मैं भी बहुत प्यार करती हूँ। उन के साथ रहना मुझे बहुत पसंद है।

ବହୁତ ସ୍ନେହ କରେ । ସେମାନେ ମଧ୍ୟ ଆମମାନଙ୍କୁ ବହୁତ ଭଲ ପାଆନ୍ତି ।

समीना : तब तो तुम मेरे घर आओ। तुम्हें वहाँ बहुत अच्छा लगेगा।

ମଧୁସ୍ମିତା : ଛୋଟ ପିଲାମାନଙ୍କୁ ମୁଁ ମଧ୍ୟ ଭଲପାଏ । ସେମାନଙ୍କ ସାଙ୍ଗରେ ରହିବାକୁ ମୋତେ ଖୁବ୍ ଭଲ ଲାଗେ ।

मधुस्मिता : लेकिन अब तुम भुवनेश्वर में हो। मेरा घर यहाँ है। तुम मेरे घर आओ। मेरी मामी अच्छी तरह रसोई करती है। ओड़िआ रसोई की रुचि भी तुम्हें पसंद आएगी।

ସମୀନା : ତେବେ ତ ତୁମେ ମୋ ଘରକୁ ଆସ । ତୁମକୁ ସେଠାରେ ବହୁତ ଭଲ ଲାଗିବ ।

ମଧୁସ୍ମିତା : ହେଲେ ଏବେ ତୁମେ ଭୁବନେଶ୍ୱରରେ ରହୁଛ । ମୋ ଘର ଏଇଠି । ତୁମେ ମୋ ଘରକୁ ଆସ । ମୋ ମାଇଁ ଭଲଭାବରେ ରୋଷେଇ କରନ୍ତି । ଓଡ଼ିଆ ରୋଷେଇର ରୁଚି ମଧ୍ୟ ତୁମକୁ ପସନ୍ଦ ଆସିବ ।

समीना : मधु, तुम्हारे घर में क्या तुम्हारी मामी ही सब रसोई का काम करती हैं?

ସମୀନା : ମଧୁ ! ତୁମ ଘରେ କ'ଣ ତୁମ ମାଇଁ ସବୁ ରୋଷେଇ କରନ୍ତି ?

मधुस्मिता : नहीं, हमारे घर में एक महाराज भी हैं। वे खाना बनाते हैं। बाहर के काम करने के लिए नौकर-नौकरानी हैं। हमारे (यहाँ) एक बगीचा भी है। बगीचे में अनेक (बहुत सारे) फुलों के पौधे, नारियल, आम और अमरूद के पेड़ भी हैं। हमारे बगीचे के आम बहुत मीठे हैं। पडोस के बच्चे सब आम खा देते हैं।

ମଧୁସ୍ମିତା : ନାଁ, ଆମ ଘରେ, ଜଣେ ପୂଝାରୀ ନନା ଅଛନ୍ତି । ସେ ରୋଷେଇ କରନ୍ତି । ବାହାର କାମ କରିବାକୁ ଚାକର

समीना : अच्छा, क्या तुमने उस बगीचे में गाय पाल रखी है?

ଚାକରାଣୀ ଅଛନ୍ତି । ଆମର ଗୋଟେ ବଗିଚା ମଧ୍ୟ ଅଛି । ବଗିଚାରେ ଅନେକ ଗୁଡ଼ିଏ ଫୁଲ ଗଛ, ନଡ଼ିଆ ଗଛ, ଆମ୍ବ ଓ ପିଜୁଳି ଗଛ ଅଛି । ଆମ ବଗିଚାର ଆମ୍ବ ଗୁଡ଼ିକ ଭାରି ମିଠା । ପଡ଼ିଶା ଘରର ପିଲାମାନେ ଆମ୍ବ ସବୁ ଖାଇ ଦିଅନ୍ତି ।

ସମୀନା : ଆଚ୍ଛା ତମ ବଗିଚାରେ କ'ଣ ଗାଈ ରଖିଛ ?

ମଧୁସ୍ମିତା : ନାଇଁ, ଭୁବନେଶ୍ୱରରେ ଗାଈ ଗୋରୁ ରଖିବା ଭାରି ଅସୁବିଧା । ସହରମାନଙ୍କରେ ଗୋରୁପଲ ଏଣେ ତେଣେ ବୁଲିବା ମନା । କିନ୍ତୁ ଆମ ଗାଁରେ ଗାଈ-ବଳଦ, କୁକୁଡ଼ା-ଗଂଜା, ମାଈ କୁକୁର- ଅଣ୍ଡିରା କୁକୁର, ମାଈ ବିଲେଇ-ଅଣ୍ଡିରା ବିଲେଇ ସବୁ ଅଛନ୍ତି ।

ସମୀନା : ଆମ ଘରେ ମାତ୍ର ଗୋଟିଏ କୁକୁର ଅଛି । ସିଏତ ସହର କୁକୁର ।

ମଧୁସ୍ମିତା : ଆଚ୍ଛା, ତମେ ଠିକ କହିଛ, ସବୁ ସହରବାଲା ବଡ଼ବଡ଼ କୁକୁର ମାନଙ୍କୁ ପାଳିବାକୁ ଚାହାଁନ୍ତି । ଏଠି ମଧ୍ୟ ସେହି କଥା । ସମୀନା,

मधुस्मिता : नहीं, भुवनेश्वर में गाय आदि रखने में बड़ी असुविधा होती है। शहरों में गाय-बैल का इधर-उधर फिरना मना है। परंतु हमारे गाँव में (तो) गाय-बैल, मुर्गी-मुर्गा, कुत्ता-कुत्तिया और बिल्ली-बिलाव भी हैं।

समीना : हमारे घर में एक कुत्ता है। वह तो शहरवाला कुत्ता है।

मधुस्मिता : अच्छा, तुमने ठीक ही कहा। शहरवाले तो बडे कुत्तों को पालना चाहते हैं। यहीं भी वही बात है। समीना, तुम मेरे साथ एक बार घर चलो। सब लोगों से मिलेंगे।

समीना : यह बात तो सच है। मधु, क्या तुम को बडे बडे कुत्तों को पालना पसंद नहीं?

मधुस्मिता : अब तो कुत्ते बिल्लियों की बात छोड़ो। मेरे साथ एक बार हमारे घर चलो।

समीना : हाँ, अवश्य आऊँगी। मधु, अब मुझे जाने दो। मेरे साथी मेरी प्रतीक्षा कर रहे होंगे।

ତୁମେ ମୋ ସାଂଗରେ ଥରେ
ଘରକୁ ଆସ ସମସ୍ତଙ୍କ
ସାଂଗରେ ମିଶିବ ।

ସମୀନା : କଥା ତ ସତ । ମଧୁ, ତୁମକୁ
କ'ଣ ବଡ଼ବଡ଼ କୁକୁର
ପାଳିବାକୁ ପସନ୍ଦ ନୁହେଁ ?

ମଧୁସ୍ମିତା : ଏବେ ତୁମେ କୁକୁର
ବିଲେଇ ମାନଙ୍କର କଥା ଛାଡ
. । ମୋ ସାଙ୍ଗରେ ଥରେ
ଆମ ଘରକୁ ଚାଲ ।

ସମୀନା : ହଁ, ନିଶ୍ଚୟ ଆସିବି । ମଧୁ,
ଏବେ ମତେ ଯିବାକୁ ଦିଅ ।
ମୋ ସାଙ୍ଗମାନେ ମୋତେ
ଅପେକ୍ଷା କରିଥିବେ ।

शब्दार्थ

ओड़िआ शब्द	हिंदी अर्थ
ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ	राष्ट्रीय छात्र सौनिक वाहिनी
ଶିବିର	शिबिर/कैम्प
ଯୋଗଦେବା	योग देना, भाग लेना
ଅଜା	नाना
ଆଈ	नानी
ଝିଅ	बेटी
ଭଲ ପାଆନ୍ତି	चाहते हैं/प्यार करते हैं

ପୁଝାରୀ	**महाराज (रसोई बनानेवाला)/रसोइया, बावर्ची**
ଚାକର	**नौकर**
ଚାକରାଣୀ	**नौकरानी**
ଗାଈଗୋରୁ	**गाय आदि**
ବଳଦ	**बैल**
ମାଈ କୁକୁର	**कुत्तिया**
ଅଣ୍ଡିରା କୁକୁର	**कुत्ता**
ଶିକ୍ଷକ	**शिक्षक/अध्यापक**
ଶିକ୍ଷୟିତ୍ରୀ	**शिक्षिका/अध्यापिका**
ଅଟେ	**है**
ଅଟୁ	**हैं**
ଅଟନ୍ତି	**हैं**
ବାଲେଶ୍ୱର	**बालेश्वर (ओड़िशा के एक जगह का नाम**
ରହୁଛନ୍ତି	**रह रहे हैं**
ସ୍ୱାମୀଙ୍କର	**पति का**
ସ୍ନେହ	**स्नेह/प्यार**
ବାହାଘର	**विवाह/शादी**
ଦୁଇଜଣଙ୍କର	**दोनों का**
ସରକାରୀ ହସପାତାଳ	**सरकारी अस्पताल**
ଛୋଟ ପିଲାମାନଙ୍କୁ	**छोटे बच्चों को**
ସାଙ୍ଗରେ	**साथ में**
ଖୁବ୍	**खूब/ज़्यादा**
ରହିବାକୁ	**रुकने/रहने केलिए**
ଆସ	**आओ**

ଭଲଲାଗିବ	**अच्छा लगेगा**
ସେଠାରେ	**वहाँ पर**
ଓଡ଼ିଆ ରୋଷେଇ	**ओडिआ रसोई**
ରୁଚି	**रुचि/स्वाद**
କୁକୁଡ଼ା	**मुर्गी**
ଗଞ୍ଜା	**मुर्गा**
ଅଣ୍ଡିରା ବିଲେଇ	**बिलाव**
ମାଈ ବିଲେଇ	**बिल्ली**
ସହରବାଲା	**शहरवाला**
ପାଳିବାକୁ ଚାହାନ୍ତି	**पालने को चाहते हैं**
ପସନ୍ଦ	**पसंद**

अभ्यास

I. (1) **नीचे दिए गए वाक्य तथा शब्द दोहराइए।**

1. ମୁଁ ମୋ ମାମୁଁଙ୍କ ଘରେ ଏଇଠି ରହୁଛି।
2. ଆମେ ସବୁ ଗୋଟିଏ 'ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ' ଶିବିରରେ ଯୋଗ ଦେବାପାଇଁ ଭୁବନେଶ୍ୱର ଆସିଛୁ।
3. ମୁଁ ଭଉଣୀର ପିଲାମାନଙ୍କୁ ଭାରି ଭଲ ପାଏ।
4. ତୁମେ କ'ଣ ଏଇଠି ରହୁଛ ?
5. ତୁମେମାନେ ଏଠାକୁ କାହିଁକି ଆସିଛ ?
6. ସେ ଜଣେ ଡାକ୍ତର।
7. ସେମାନେ ମଧ୍ୟ ତୁମକୁ ଖୁବ୍ ଭଲ ପାଉଥିବେ?
8. ମୋ ବାପାଙ୍କର ମୁଁ ଗୋଟିଏ ବୋଲି ଝିଅ ଅଟେ।
9. ମୋ ବାପା ବୋଉଙ୍କର ଆମେ ଦୁଇଟି ଝିଅ ଅଟୁ।
10. ମୋ ବଡ଼ ଭଉଣୀର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଟନ୍ତି।

11. ଆମ ଗାଁରେ ଗାଈ-ବଳଦ, କୁକୁଡ଼ା-ଗଞ୍ଜା, ମାଇ କୁକୁର-ଅଣ୍ଡିରା କୁକୁର, ଅଣ୍ଡିରା ବିଲେଇ- ମାଇ ବିଲେଇ ସବୁ ଅଛନ୍ତି ।

(2) ଡାକ୍ତର	ଡାକ୍ତରାଣୀ
ଅଜା	ଆଈ
ମାମୁଁ	ମାଇଁ
ବାପା	ବୋଉ
ଭାଇ	ଭଉଣୀ
ପୁଅ	ଝିଅ
ନାତି	ନାତୁଣୀ
ଗାଈ	ଷଣ୍ଢ
ଶିକ୍ଷକ	ଶିକ୍ଷୟିତ୍ରୀ
ଅଣ୍ଡିରା କୁକୁର	ମାଇ କୁକୁର
ଅଣ୍ଡିରା ବିଲେଇ	ମାଇ ବିଲେଇ
ଗଞ୍ଜା	କୁକୁଡ଼ା

II. वाक्यों में रेखांकित शब्दों के स्थान पर दिए गए शब्दों का प्रयोग कर नये वाक्य बनाइए ।

1. ମୁଁ ମଧୁସ୍ମିତା ।

ତୁମେ
ସେ
ଆପଣ
ଇଏ
ସିଏ
ଯିଏ

2. ମୁଁ ମାମୁଁଙ୍କ ଘରେ ରହୁଛି ।

ଭୁବନେଶ୍ୱରରେ
ବାପାଙ୍କ ଘରେ
ହଷ୍ଟେଲରେ
କଟକରେ
ଶିବିରରେ

3. ଆମେମାନେ ବଡ଼ ଭଉଣୀର ପିଲାମାନଙ୍କୁ ଭଲପାଉ ।

ସମସ୍ତଙ୍କୁ
ତାଙ୍କୁ
ଆପଣମାନଙ୍କୁ
ଯାହାଙ୍କୁ

4. ତୁମେ କ'ଣ ଏଇଠି ରହୁଛ ?

ସେଇଠି
କଲିକତାରେ
ପାଠଶାଳାରେ
ହଷ୍ଟେଲରେ

ସେମାନଙ୍କୁ ଘରେ

5. ତୁମେମାନେ ଏଠିକୁ କାହିଁକି ଆସିଛ ? 6. ସେ ଜଣେ ଡାକ୍ତର ।

ଘରକୁ ଡ

ାକ୍ତରାଣୀ

ମନ୍ଦିରକୁ

ଶିକ୍ଷକ

ବଜାରକୁ ଶିକ୍ଷୟିତ୍ରୀ

ହାଟକୁ ନର୍ତ୍ତକ

ବାହାରକୁ ନର୍ତ୍ତକୀ

ଗାୟକ

ଗାୟିକା

7. ସେମାନେ ତୁମକୁ ଖୁବ୍ ଭଲ ପାଉଥିବେ ନା ? 8. ମୋ ବାପା ବୋଉ

ବାଲେଶ୍ୱରରେ

ରହନ୍ତି ।

ଗାଳି ଦଉଥିବେ ମାମୁଁ

ମାଇଁ

କଥା କହୁଥିବେ ଅଜା ଆଈ

ଘୃଣା କରୁଥିବେ ଭାଇ ଭଉଣୀ

ଦେଖା କରୁଥିବେ ପୁଅ ଝିଅ

ରାଗ କରୁଥିବେ ନାତି

ନାତୁଣୀ

9. ମୁଁ ମାମୁଁଙ୍କ ଘରେ ଏଇଠି ରହୁଛି ।

ଆମେମାନେ ରହୁଛୁ

ତୁମେ ରହୁଛ

ତୁମେମାନେ ରହୁଛ

ସେ ରହୁଛି

ସେମାନେ ରହୁଛନ୍ତି

III. **कोष्ठक में दिए गए शब्दों में से उपयुक्त शब्दों का प्रयोग कर वाक्य पूरे कीजिए।**

(ଡାକ୍ତର, ଡାକ୍ତରାଣୀ, ପୂଝାରୀ, ପିଲା, ବଳଦ)

1. ମୋ ମାଇଁ ଜଣେ ______ ।
2. ଆମ ଘରେ _____ ରୋଷେଇ କରନ୍ତି ।
3. ମୋ ମାମୁଁ ଜଣେ ______ ।
4. ଆମ ଗାଁରେ ଗାଈ _____ ଅଛନ୍ତି ।
5. ଭଉଣୀର ______ ମାନଙ୍କୁ ଆମେମାନେ ଭାରି ଭଲପାଉ ।

IV. **कोष्ठक में दिए गए शब्दों के उपयुक्त रूपों का प्रयोग कर वाक्य पूरे कजिए।**

1. ମୋ ବାପା ବୋଉ କଲିକତାରେ ______ । (ରହେ)
2. ମୁଁ ମୋ ମାମୁଁଙ୍କ ଘରେ _____ । (ରହୁଛୁ)
3. ମୋ ବାପା ମୋତେ ଖୁବ୍ ଭଲ _____ । (ପାଉ)
4. ତୁମ ଘର କଥା _____ । (କୁହନ୍ତୁ)
5. ତୁମେ ଆମ ଘରକୁ _____ । (ଚାଲୁ)

V. **कोष्ठक में दिए गए शब्दों के पुल्लिंग वाचक शब्दों का प्रयोग कर वाक्य पूरे कीजिए।**

1. ଆମ ଗାଁ ବିଦ୍ୟାଳୟରେ ଜଣେ _____ ଅଛନ୍ତି । (ଶିକ୍ଷୟିତ୍ରୀ)
2. ମୋ _____ ର ଦୁଇଟି ପିଲା ଅଛନ୍ତି । (ଭଉଣୀ)
3. ଗୋଟିଏ _____ ଭୁକୁଅଛି । (ମାଈ କୁକୁର)
4. ମୋ _____ ଙ୍କର ବଡ଼ ଘର ଅଛି । (ମାଇଁ)
5. ମୋ _____ ମୋ ପାଖରେ ରହନ୍ତି । (ବୋଉ)

VI. **कोष्ठक में दिए गए शब्दों के स्त्रीलिंग वाचक शब्दों का प्रयोग कर वाक्य पूरे कीजिए।**

1. ହରିଣ ବାବୁଙ୍କ ଘରେ ଗୋଟିଏ ______ ଅଛି । (ଚାକର)
2. ସେ ଜଣେ _____ । (ଡାକ୍ତର)
3. ରମାର ଗୋଟିଏ ______ ଅଛି । (ଅଣ୍ଡିରା କୁକୁର)
4. ମୋ ______ ଆଗ୍ରାରେ ରହନ୍ତି । (ଭାଇ)
5. ଭଉଣୀର _____ କୁ ବାପା ଭଲ ପାଆନ୍ତି । (ପୁଅ)

VII. **कोष्ठक में दिए गए हिंदी शब्दों के समानार्थक ओड़िआ शब्दों का प्रयोग कर वाक्य पूरे कीजिए।**

1. ମୋ _____ ରୋଷେଇ କରନ୍ତି । **(मामी)**

2. ଅଜା _____ ମାନଙ୍କୁ ବେଣୀ ଭଲ ପାଆନ୍ତି । (पोता-पोतियों को)/(नातनी)
3. ସୀତା ଓ ଗୀତା ଦୁଇ _____ । (बहनें)
4. ମୋ ______ ର ଦୁଧ ଭାରି ମିଠା । (गाय)
5. ଆଜି ମୁଁ ଗୋଟିଏ _____ ପୋତିଲେ । (पेड)

VIII. नीचे दिए गए पुल्लिंग शब्दों के स्त्रीलिंग रूप लिखिए।

ନାତି, ପୁଅ, ବାପା, ଚାକର, ଶିକ୍ଷକ

IX. नीचे दिए गए स्त्रीलिंग शब्दों के पुल्लिंग रूप लिखिए।

ଭଉଣୀ, ମାଇଁ, ମାଷ୍ଟରାଣୀ, ଝିଅ, ମୟୂରୀ, ବାଘୁଣୀ

X. नीचे दिए गए शब्दों के वचन बदलिए।

ତୁମେ, ପିଲା, ଆମେ, ସେ, ସାଙ୍ଗ, ଫୁଲଗଛ

XI. कोष्ठक में दिए गए निर्देशों के अनुसार वाक्यों में रेखांकित शब्दों के स्थान पर उन के वचन/लिंग बदलकर वाक्यों का परिवर्तन कीजिए।

1. ତମେ କ'ଣ ଗାଈ ରଖିଚ୍ଛ ? (बहुवचन)
2. ଆମ ବଗିଚାରେ ଅନେକ ଫୁଲ ଗଛ ଅଛି । (एकवचन)
3. ଆପଣ କ'ଣ କାଲି ଆସିବେ ? (बहुवचन)
4. ଆମ ଗଣିତ ଶିକ୍ଷକ ଖୁବ୍ ଭଲ । (स्त्रीलिंग)
5. ମୋ ଭଉଣୀ ର ଦୁଇଟା ପୁଅ ଅଛି । (पुल्लिंग)
6. ମୋ ଘର ସାମ୍ନାରେ ଗୋଟିଏ ଗଛ ଅଛି । (बहुवचन)
7. ମୋ କଲେଜରେ ଗୋଟିଏ ଅଡ଼ିଟୋରିୟମ୍ ଅଛି । (बहुवचन)
8. ଆମ ଘରେ ଗୋଟିଏ ଗାଈ ଅଛି । (लिंग)
9. ବାହାର କାମ କରିବାକୁ ଚାକର ଅଛନ୍ତି । (स्त्रीलिंग)
10. ଛୋଟପିଲାଙ୍କୁ ମୁଁ ଭଲପାଏ । (बहुवचन)

XII. नीचे दिए गए शब्दों में से स्त्रीलिंग, पुल्लिंग, उभय लिंग और क्लीवलिंग वाचक शब्दों को अलग अलग लिखिए।

ଗଛ, ଗାଈ, ଛୁଆ, ଚାକରାଣୀ, ବୋଉ, ବଳଦ, କୁକୁର, ପୁଅ, ନାତି, ନାତୁଣୀ, ଭଉଣୀ, ପିଲା, ଘର, ଆମ୍ବ, ମାମୁଁ, ଚାକର, ଡାକ୍ତର, ବାପା, ପିଜୁଳି, ଗୋରୁ, ମାଇଁ, ଆଈ ।

पढ़िए और समझिए

ପୃଥିବୀ ମାତାର ପରିବାର

पृथिबी मातार परिबार

ଆମର ଏଇ ପୃଥିବୀ ବହୁତ ସୁନ୍ଦର ଅଟେ। ଆମେ ଏଥିରେ ଜନ୍ମ ନେଇଛୁ। ଏହି ପୃଥିବୀ ଆମ ସମସ୍ତଙ୍କ ମା' ପରି, ଯେପରିକି ସେ ଆମକୁ ପାଳନ ପୋଷଣ କରୁଅଛି। ନଦୀ, ଝରଣା, ଜଙ୍ଗଲ, ସମୁଦ୍ର, ପାହାଡ଼, ପର୍ବତ ଆଦି ପ୍ରକୃତିର ଆଶୀର୍ବାଦ। ଆମେ ଏହାକୁ ବ୍ୟବହାର କରି ନାନା ପ୍ରକାରର କାର୍ଯ୍ୟ କରିପାରୁଛୁ। ଏଥିପାଇଁ ଆମେ ପୃଥିବୀକୁ ମା' ବୋଲି ସମ୍ବୋଧନ କରୁଛୁ।

ଆମର ଏଇ ପୃଥିବୀକୁ ଆମେ କେତେ ରୂପରେ ଦେଖୁଛୁ। କେତେ ପ୍ରକାର ଋତୁ ଅନୁଭବ କରୁଛୁ । କେଉଁଠାରେ ବର୍ଷା ତ କେଉଁଠାରେ ଶୀତ। ପୁଣି ଗୋଟିଏ ପାଖରେ ସକାଳ ତ ଅନ୍ୟ ପାଖରେ ରାତି। ଏସବୁ ସତ୍ତ୍ୱେ ସେ ସର୍ବଦା ଜାଗ୍ରତ ଅଛି ଆମରି ପାଇଁ। ବିଭିନ୍ନ ପ୍ରକାରର ଗଛ ଆମର ବିଭିନ୍ନ କାର୍ଯ୍ୟରେ ଲାଗୁଛି। ଗଛ ଗୁଡ଼ିକ ବିଭିନ୍ନ ପ୍ରକାର ଔଷଧ ତିଆରି କରିବା ପାଇଁ କାମରେ ଲାଗନ୍ତି ମନୁଷ୍ୟର ଆହାର ଓ ଜାଳେଣି କାଠ ପାଇଁ ମଧ୍ୟ ଦରକାର ପଡ଼ନ୍ତି।

ଜଙ୍ଗଲ ସବୁଜ ବନାନୀରେ ପରିପୂର୍ଣ୍ଣ ଅଟେ । ପଶୁ ପକ୍ଷୀ, ମନୁଷ୍ୟ ପାଇଁ ଜଙ୍ଗଲ ବହୁ ଉପକାରୀ। ପଶୁ ଓ ପକ୍ଷୀ ଆମମାନଙ୍କର ବିଭିନ୍ନ କାମରେ ଆସନ୍ତି। ଯେମିତିକି ମେଣ୍ଢା ମାନଙ୍କ ପାଖରୁ ଉଲ୍ ବସ୍ତ୍ର ତିଆରି ପାଇଁ ଉଲ୍ ମିଳେ। ସେମିତି ରେଶମ ପୋକରୁ ରେଶମ ସୂତା ପାଉ। ଗାଈ, ବଳଦ କ୍ଷେତ ଚାଷ କରନ୍ତି। ଓଟ, ବଳଦ ଓ ଗଧ ଆଦି ଆମର ମାଲବୁହା କାର୍ଯ୍ୟ କରନ୍ତି। ସେହିପରି ସେମାନେ ମରିବାପରେ ସେମାନଙ୍କ ଚମଡ଼ା ମଧ୍ୟ ଆମର କାମରେ ଆସୁଛି। ପକ୍ଷୀମାନଙ୍କ ଭିତରେ କାଉ, କୋଇଲି, ମୟୂର, ମୟୂରୀ ଇତ୍ୟାଦି ପ୍ରଧାନ ଅଟନ୍ତି । ବସନ୍ତ ଋତୁରେ କୋଇଲି କୁ କୁ ଗାନ କରି ସମସ୍ତଙ୍କୁ ମୁଗ୍ଧ କରିଦେଇଥାଏ। କାଉ ସକାଳୁ କା' କା' କରି ସମସ୍ତଙ୍କୁ ବିଛଣାରୁ ଉଠେଇଥାଏ। ଆମ ଲୋକମାନଙ୍କର ବିଶ୍ୱାସ ଅନୁସାରେ ଘରକୁ କେହି କୁଣିଆ କିମ୍ବା ଚିଠି ଆସିବାର ଥିଲେ କାଉ ବୋବାଇ କା' କା' କରେ। ସେମିତି ବର୍ଷା ଆସିବାର ସମ୍ଭାବନା ଦେଖାଗଲେ ମୟୂର, ମୟୂରୀ ଆନନ୍ଦରେ ପୁଚ୍ଛକୁ ମେଲାଇ ନାଚ କରନ୍ତି। ଘରେ କୁକୁର, ବିଲେଇ (ଅଣ୍ଡିରା, ମାଈ) ଆଦି ପୋଷାଯାଏ। କୁକୁର ଘରକୁ ଅଜଣା ଲୋକକୁ ପଶେଇଦିଏ ନାହିଁ। ଶୁଆ, ଶାରୀ ମଧ୍ୟ ଆମେ ଘରେ ପାଳୁ। କେବଳ ସେ ମଣିଷଙ୍କ ପରି କଥା କହିପାରେ।

ଏଥିରୁ ଜଣାଯାଏ ଯେ, ମନୁଷ୍ୟ ଜଗତ ଓ ପଶୁଜଗତ ଉଭୟ ପରସ୍ପର

ପରିପୂରକ ଅଟନ୍ତି । ସତେ ଯେପରି ଗୋଟିଏ ପରିବାରରେ ଜଣେ ଅନ୍ୟ ଜଣଙ୍କ ବିନା ବଞ୍ଚି ପାରିବ ନାହିଁ। ସମସ୍ତେ ସମସ୍ତଙ୍କ ଉପରେ ନିର୍ଭରଶୀଳ ଅଟନ୍ତି । କହିବାକୁ ଗଲେ ପୃଥିବୀ ମାତା ହିଁ ଆମ ସମସ୍ତଙ୍କୁ ଗୋଟିଏ ପରିବାରରେ ବାନ୍ଧି ରଖିଛି ।

शब्दार्थ

ओड़िआ शब्द	हिंदी अर्थ
ପୃଥିବୀ	**पृथ्वी**
ଜନ୍ମ	**जनम**
ପାଳନ ପୋଷଣ	**पालन पोषण**
ପାହାଡ଼	**पहाड़**
ଜଙ୍ଗଲ	**जंगल**
କେତେ ରକମ	**कितने प्रकार**
ଛାଇ	**छाया**
ପରିବା	**सब्जी**
ଫଳମୂଳ	**फलमूल**
ଜାଳେଣୀ କାଠ	**जलाने की लकड़ी**
ପରିବାର	**परिवार**
ମନୁଷ୍ୟ	**मनुष्य**
ଜୀବଜଗତ	**जीवजगत**
ସବୁଜ ବନାନୀ	**हराभरा जंगल**
ପରିପୂର୍ଣ୍ଣ	**परिपूर्ण**
ପଶୁପକ୍ଷୀ	**पशुपक्षी**
ଉଲ୍	**ऊन/पशम्**
ମାଲବୁହା	**भार लेने केलिए जानवरों के ऊपर रखनेवाला पोटली**
ଜଗେ	**निगरानि**
ଲାଭ	**लाभ**
ଚମଡ଼ା	**चमड़ा**

ଦରକାର	**चाहिए**
ମୁଗଧ	**मुग्ध**
କୁ କୁ	**कोयल का गाना**
କା କା	**चिड़ियों की ध्वनि**
ସମ୍ଭାବନା	**संभावना**
ବୋବାଇବା	**चौं चौं करना (चिड़ियाँ)**
ମୟୁର	**मयूर**
ମୟୁରୀ	**मयूरी**
ଅଜଣା ଲୋକ	**अनजाने लोग**
ପଶେଇ ଦିଏ ନାହିଁ	**प्रवेश नहीं करने देना**
ମିଠା ସ୍ୱରରେ	**मीठी आवाज**

अभ्यास

I. अनुच्छेद के आधार पर नीचे दिए गए प्रश्नों के उत्तर दीजिए।

1. କିଏ ଆମମାନଙ୍କର ପାଳନ ପୋଷଣ କରେ ?
2. ପୃଥିବୀ ଆମକୁ କି କି ରୂପରେ ଦେଖାଦିଏ ?
3. ଗଛମାନଙ୍କଠାରୁ ଆମେମାନେ କେଉଁ ପ୍ରକର ଉପକାର ପାଇଥାଉ ?
4. ଓଟ, ବଳଦ ଓ ଗଧ ଆମର କି ପ୍ରକାର କାମ କରନ୍ତି ?
5. କେବେ ଓ କିଏ କୁ କୁ ଗାନ କରି ସମସ୍ତଙ୍କୁ ମୁଗ୍‌ଧ କରିଦେଇଥାଏ ?
6. କ'ଣ ପାଇଁ କୁଆ ବୋବାଇ ବୋବାଇ କା କା କରେ ?
7. ବର୍ଷା ଆସିଲେ ମୟୁର, ମୟୁରୀ କ'ଣ କରନ୍ତି ?
8. କୁକୁର କାହାକୁ ଘରେ ପଶେଇ ଦିଏ ନାହିଁ ?
9. କିଏ ମଣିଷ ପରି କଥା କହିପାରେ ?
10. ମନୁଷ୍ୟ ପଶୁମାନଙ୍କୁ ପାଳିବା ଦ୍ୱାରା କି ପ୍ରକାର ଲାଭବାନ ହୋଇଥାଏ ?

II. अनुच्छेद के आधार पर नीचे दिए गए कथनों में से सही कथन बताइए।

1. ଜଙ୍ଗଲ ଆମର ମା'।
2. ବିଲେଇ ଘରକୁ ଜଗେ।
3. ପଶୁ ଓ ପକ୍ଷୀ ଆମମାନଙ୍କର ବିଭିନ୍ନ କାମରେ ଆସିନଥାନ୍ତି।
4. ପଶୁମାନେ ମରିବାପରେବି ତାଙ୍କର ଚମଡ଼ା ଆମର ବହୁ କାମରେ ଆସିଥାଏ।
5. କୋଇଲି କା' କା' କରି ସକାଳୁ ସମସ୍ତଙ୍କୁ ବିଚ୍ଛଣାରୁ ଉଠାଇଦିଏ।
6. ବିଲେଇ ଘରେ ରହିଲେ ମୂଷାମାନଙ୍କୁ ମାରିଦିଏ।
7. ଶୁଆ ଶାରୀ ଆମେ ଘରେ ପାଳୁନାହୁଁ।

III. प्रत्येक शब्द समूहों में अनुपयुक्त शब्द/शब्दों को पहचानिए।

1. ପାରା, କାଉ, କୋଇଲି, ମୟୂର, ମୟୂରୀ, ଗଧ
2. ଜଙ୍ଗଲ, ପଶୁ, ଗଧ, ନଦୀ, ବହି, ପାହାଡ଼
3. ନଦୀ, ଝରଣା, ସମୁଦ୍ର, ଔଷଧ, ପୋଖରୀ
4. ମେଣ୍ଢା, ଓଟ, ବଳଦ, ଗଧ, ମାଈ କୁକୁର, ଅଣ୍ଡିରା କୁକୁର, ମଣିଷ ଚୁଆ
5. ଜଙ୍ଗଲ, ପଶୁପକ୍ଷୀ, ଗଛପତ୍ର, ଲତା, ସାପ

IV. हिंदी में अनुवाद कीजिए।

ଏକ ସମୟ୍ରେ ଭାରତରେ ଯକ୍ତ ପରିବାର ଥିଲା। ଏହି ପରିବାର ମାନଙ୍କରେ ଦୁଇ ତିନି ପିଢ଼ୀର ଲୋକେ ଏକାଠି ରହୁଥିଲେ। ଏହା ଫଳରେ ଜନ୍ମଠାରୁ ମରଣଯାଏଁ ପ୍ରତ୍ୟେକ ଲୋକ ପରିବାରର ସମର୍ଥନ ପାଉଥିଲେ। କ୍ରମେ ଏହି ଯୁକ୍ତ ପରିବାର ଭାଙ୍ଗି ଏକକ ପରିବାର ସୃଷ୍ଟି ହେଲା। ଏହି ପରିବାରରେ ବାପା ବୋଉ ଓ ପିଲାମାନେ ସଭ୍ୟ ଥିଲେ। ଆଗ କାଳରେ ଗଳ୍ପ ଜରିଆରେ ପାରିବାରିକ ମୂଲ୍ୟବୋଧ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କଠାରୁ ଆସୁଥିଲା। ସମସ୍ତେ ଭିନ୍ନ ହୋଇଯିବାରୁ ବୁଢ଼ାବୁଢ଼ୀଙ୍କ ଦୁର୍ଦ୍ଦଶାତ ବଢ଼ିଗଲା ପିଲାଙ୍କର ସାମାଜିକୀକରଣ ମଧ୍ୟ ବାଧା ପାଇଲା। ଗଳ୍ପ କହିବାର ଧାରା ପରିବାରରେ ବନ୍ଦ ହୋଇଯିବାରୁ ନୂଆ ପିଢ଼ୀର ଲୋକେ ଏଥିପାଇଁ ସ୍କୁଲ ନିର୍ଭର ହୋଇଗଲେ।

ଆଗେ ପର୍ବପର୍ବାଣୀ ମାନଙ୍କରେ ବହୁତ ପ୍ରକାରର ପିଠା ଓ ଖଜା କରାଯାଉଥିଲା।

ସେତେବେଳେ ଘରେ ଖାଇବା ବାହାଘର ଭୋଜିପରି ଲାଗୁଥିଲା । ସବୁ ପର୍ବ ପର୍ବାଣୀରେ ପ୍ରସାଦ ବଣ୍ଟାଯାଉଥିଲା । ଏଥିରେ ଜାତି ଭେଦର ବିଚାର ନଥିଲା । ପର୍ବ ପର୍ବାଣୀରେ ସାନ ପିଲାମାନେ ବଡ଼ ମାନଙ୍କଠାରୁ ଯାତ୍ରା ପଇସା ନେଉଥିଲେ । ସେମାନେ ଯାତ୍ରା କିମ୍ବା ମେଳା ପଡ଼ିଆକୁ ଯାଇ ଏହି ପଇସାରେ ଖିଆପିଆ କରୁଥିଲେ ଓ ବିଭିନ୍ନ ପ୍ରକାରର ଛୋଟ ଛୋଟ ଖେଳନାମାନ କିଣୁଥିଲେ । କେବେକେବେ ଯାତ୍ରା ପଡ଼ିଆରେ ବାଣ ଫୁଟାଯାଉଥିଲା । ଏହା ଦେଖିବାକୁ ବଡ଼ସାନ ସମସ୍ତେ ଯାତ୍ରା ପଡ଼ିଆକୁ ଯାଉଥିଲେ ।

ସୂର୍ଯ୍ୟବାନ୍ଧବ ଭାରତୀୟ ପରିବାର ବିସ୍ତାରର ଅନ୍ୟ ଏକ ଦିଗନ୍ତ । ତେଲି, କେଉଟ, ଗୁଡ଼ିଆ, ଗଉଡ଼ ଯେଉଁ ଜାତିର ଲୋକ ହୁଅନ୍ତୁନା କାହିଁକି 'ମହାପ୍ରସାଦ' ଦେଇ ବଡ଼ଘରର ଝିଅ ବୋହୂଙ୍କ ସାଙ୍ଗରେ ସମ୍ବନ୍ଧ ବାନ୍ଧୁଥିଲେ । ସଙ୍ଗାତ, ମୈତ୍ର, ତୁଳସୀ, ଦଅଣା, ବଉଳ ବସିବା ସେହିପରି ବଢ଼ନ୍ତା ପରିବାରର ଆଉ ଏକ ଲକ୍ଷଣ । ଏଇସବୁ ବିଭିନ୍ନ ଜାତିକୁ ଏକାଠି ବାନ୍ଧି ରଖିଥିଲା ।

V. **ओड़िआ में अनुवाद कीजिए ।**

गाय एक पालतू पशु है। उसका दुध हम पीते हैं। दूध एक पौष्टिक आहार है। बैल हल जोतने के काम आता है। गाय बछड़ा देती है। बकरी भी दूध देती है। पालतू पशु और भी कई प्रकार के हैं जैसे बिल्ली, कुत्ता आदि। घोड़ा, घोड़ी और मुर्गा, मुर्गी भी कई घरों में होते हैं।

मैं ने एक गाय पाली है। उसका बछड़ा अभी आठ महीने का है। हम सब उसका देखभाल करते हैं। गाय बछड़े को अपनी आवाज़ में पुकारती है। वह भी उत्तर दे सकता है। वह गाय घास खा रही थी बछड़े ने उसे धकेला परंतु स्वयं गिर गया। अब मेरी माँ आएगी, उस बछड़े को वह देखो। पानी से साफ करेगी। गाय-बछड़ा दोनों उसको प्यार करते हैं। तुम भी उनको खिलाओगे। बहुत खुश होंगे।

VI. **अपने परिवार के बारे में एक अनुच्छेद लिखिए।**

टिप्पणियाँ

I. **पिछले पाठों में ओड़िआ के विविध प्रकार की संज्ञाओं तथा सर्वनामों का परिचय दिया गया है। इस पाठ में संज्ञा तथा सर्वनामों के वचन तथा लिंग के बारे में विस्तृत जानकारी दी गई है।**

ओड़िआ में वचन दो प्रकार के हैं। एकवचन और बहुवचन।

नीचे दिए गए वाक्यों पर ध्यान दीजिए।

(1) 1. ପିଲାଟିଏ ଯାଉଛି । **बच्चा जा रहा है।**

पिलाटिए जाउछि।

2. ପିଲାଟାଏ ଯାଉଛି । बच्चा जा रहा है।
पिलाटाए जाउछि।

3. ମୋ ବଡ଼ ଭଉଣୀର ଗୋଟିଏ ପୁଅ ଅଛି । मेरी बड़ी बहन का एक बेटा है।
मो बड़ भउणीर गोटिए पुअ अछि।

4. ଆମର ଗୋଟେ ବଗିଚା ଅଛି । हमारा एक बगीचा है।
आमर गोटे बगिचा अछि।

(2) 1. ଗୋରୁପଲ ଏଣେ ତେଣେ ବୁଲିବା ମନା । गायें इधर उधर घूमना मना है।
गोरुपल एणे तेणे बुलिबा मना।

2. ସ୍କୁଲ ପିଲାଏ ଆମ୍ବ ସବୁ ଖାଇଦିଅନ୍ତି । स्कूल के बच्चे आम सब खा देते हैं।
स्कूल पिलाए आम्ब सबु खाइदिअन्ति।

3. ଆମ ବଗିଚା ଆମ୍ବ ଗୁଡ଼ିକ ଭଲ ନୁହେଁ । हमारे बगीचे के आम अच्छे नहीं हैं।
आम बगिचा आंब गुड़िक भल नुहें।

(3) 1. ସେ ଜଣେ ଡାକ୍ତର । वे एक डॉक्टर हैं।
से जणे डाक्तर।

2. ସେମାନେ ତୁମକୁ ଭଲ ପାଉଥିବେ ନା ? क्या वे लोग तुम को पसंद करते हैं?
सेमाने तुमकु भल पाउथिबे ना ?

3. ସେଗୁଡ଼ିକ ଖୁବ୍ ମିଠା ଫଳ । वह खूब मीठा फल है।
सेगुड़िक खुब् मिठा फळ।

(I.1,2,3) में एक वचन संज्ञाओं का प्रयोग हुआ है। ओड़िआ में एकवचन के लिए '-ଏ' (-ए), '-ଟି' (-टि), '-ଟାଏ' (-टाए), '-ଖଣ୍ଡିଏ' (-खंडिए), '-ଗୋଟିଏ' (-गोटिए) '-ଗୋଟିକ' (-गोटिक) आदि (प्रत्यय/अव्यय शब्दों) को संज्ञा के पहले या बाद में जोड़ा जाता है। उदाहरण:- 'ପିଲାଟିଏ ଯାଉଛି',(पिलाटिए जाउछि) 'बच्चा जा रहा ह', 'ଫଳଟି ମିଠା', (फळटि मिठा), 'फल मिठा है', 'ପିଲାଟାଏ ଯାଉଛି', (पिलाटाए जाउछि), 'बच्चा जा रहा है', 'ଖଣ୍ଡିଏ ବହି', (खंडिए बहि), 'एक किताब', 'ଗୋଟିଏ ବାଳକ', (गोटिए बाळक), 'एक बालक' 'ଗୋଟିକ କଲମ' (गोटिक कलम), 'एक कलम्'

(I. 2.1,2,3) में बहुवचन संज्ञाओं का प्रयोग हुआ है। ओड़िआ में बहुवचन के लिए '-ଏ', (-ए) '-ମାନେ' (-माने), '-ମାନ' (-मान), '-ଗୁଡ଼ିଏ' (-गुड़िए), '-ସବୁ' (-सबु), '-ପଲ' (-पल), '-ଦଳ' (-दळ) आदि प्रत्यय/अव्यय शब्दों को संज्ञा के पहले या बाद में जोड़ा जाता है। उदारहण :- 'ସ୍କୁଲ୍ ପିଲାଏ', (स्कुल पिलाए), स्कुल् के बच्चे, 'ପିଲାମାନେ ଖେଳନ୍ତି', (पिलामाने खेळन्ति), 'बच्चें खेल रहे हैं', 'ଆମ୍ବଗୁଡ଼ିକ ମିଠା', (आंब गुड़िक मिठा), 'आम मिठा है', 'ଆମେ ସବୁ ଯିବୁ', (आमे सबु जिबु) ' हम् सब् जाएगें', 'ଗୋରୁପଲ' (गोरुपल) 'गोबृंद'

(I. 3.1,2,3) में ओड़िआ के सर्वनाम शब्दों का एकवचन और बहुवचन रूप दिए गए हैं। इन के लिए सर्वनाम शब्दों में 'ମାନେ' (माने), 'ସବୁ' (सबु), 'ଅନେକ' (अनेक), 'ଗୁଡ଼ିକ' (गुड़िक) आदि शब्दों को परिस्थिति के अनुसार सर्वनाम के पहले या बाद में जोड़ा जाता हैं। उदाहरण :- 'ସେମାନେ ମୋ ସାଙ୍ଗ', (सेमाने मो सांग), 'वे लोग मेरे दोस्त', 'ସେସବୁ ମୋର ବହି, (सेसबु मोर बहि), 'वो सब् मेरे किताव्' ଅନେକ ଆମ୍ବ, (अनेक आम्ब), 'ज्यादा आम्', ସେଗୁଡ଼ିକ ମିଠା 'वह मिठा'।

II. **ओड़िआ में संज्ञाओं के चार प्रकार के लिंग होते हैं, जैसे- पुल्लिंग, स्त्रीलिंग, उभयलिंग और क्लीवलिंग।**

पुल्लिंग

1- 1. ମୁଁ ମୋ ମାମୁଁଙ୍କ ଘରେ ରହୁଛି। **मैं अपने मामा के घर रहता/रहती हूँ।**
मुँ मो मामुँक घरे रहुछि।

2. ତୁମ ଅଜାଘର କେଉଁଠି ? **तुम्हारे नाना का घर कहाँ है ?**
तुम अजाघर केउँठि ?

3. ମୋ ବାପା ଜଣେ ଓକିଲ। **मेरे पिताजी वकील हैं।**
मो बापा जणे ओकिल।

4. ମୋ ନାନୀର ଗୋଟେ ପୁଅ ଅଛି। **मेरी बड़ी बहन का एक लड़का है।**
मो नानीर गोटे पुअ अछि।

5. ଆମର ଅଣ୍ଡିରା କୁକୁରଟାଏ ଅଛି। **हमारा एक कुत्ता है।**
आमर अण्डिरा कुकुरटाए अछि।

6. ଆମେ ଶିକ୍ଷକଙ୍କ ସାଙ୍ଗରେ ଆସିଛୁ। **हम शिक्षक के साथ आए हैं।**

आमे शिक्षकंक सांगरे आसिछु।

स्त्रीलि्लंग

2- 1. ମୋ ମାଇଁ ଜଣେ ଡାକ୍ତରାଣୀ। **मेरी मामी एक डॉक्टरानी है।**
मो माइँ जणे डाक्तराणी।

2. ମୋ ବୋଉର ଆମେ ଦି'ଟା ଝିଅ। **अपनी माताजी की हम दो लड़कियाँ हैं।**
मो बोउर आमे दिटा झिअ।

3. ଆମେ ଚାକରାଣୀଙ୍କୁ ଭଲ ଦରମା ଦେଉ। **हम नौकरानी को अच्छा वेतन देते हैं।**
आमे चाकराणींकु भल दरमा देउ।

4. ମାଈ କୁକୁରଟିଏ ବୁଲୁଅଛି। **एक कुत्तिया घूम रही है।**
माई कुकुरटिए बुलुअछि।

उभयल्लिंग

3- 1. ପିଲାମାନଙ୍କୁ ସ୍ନେହକର। **बच्चों से प्यार करो।**
पिलामानंकु स्नेहकर।

2. ଭୁବନେଶ୍ୱରରେ ଗାଈ ଗୋରୁ ରଖିବା ଭାରି ଅସୁବିଧା। **भुवनेश्वर में गाय-गोरु रखने में बड़ी असुविधा (समस्या) होती है।**
भुबनेश्वररे गाई गोरु रखिबा भारि असुबिधा।

3. କୁକୁର ଛୁଆଟି କୁଁ କୁଁ କରୁଛି। **कुत्ता कुँ कुँ करता है।**
कुकुर छुआटि कुँ कुँ करुछि।

4- 1. ତୁମ ଘର କେଉଁଠି ? **तुम्हारा घर कहाँ है?**
तुम घर केउँठि ?

2. ଆମର ଗୋଟିଏ ବଗିଚା ଅଛି। **हमारा एक बगीचा है।**
आमर गोटिए बगिचा अछि।

3. ବଗିଚାରେ କେତେ ଫୁଲ ଫୁଟିଚ୍ଛି । बगीचे में कितने फूल खिलते हैं।
बगिचारे केते *फुल* फुटिछि।

4. ଆମ୍ବ ଆଉ ନଡ଼ିଆ ଗଛ ଅଛି । आम और नारियल के पेड हैं।
आंब आउ नड़िआ *गछ* अछि।

III. अब आप इस पाठ के नीचे दिए गए वाक्यों के क्रियारूपों पर ध्यान दीजिए।

1. ମୋ ବାପାଙ୍କର ମୁଁ ଗୋଟିଏ ଝିଅ ଅଟେ । अपनी पिताजी का मैं इकलौती लड़की हूँ।
मो बापांकर मुँ गोटिए बोलि झिअ *अटे*।

2. ମୋ ବାପା ବୋଉଙ୍କର ଆମେ ଦୁଇଟି ଝିଅ ଅଟୁ । अपनी माँ-बाप की हम दो लड़कियाँ हैं।
मो बापा बोउंकर आमे दुइटि झिअ *अटु*।

3. ମୋ ବଡ଼ ଭଉଣୀର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଟନ୍ତି । मेरी बड़ी बहन के एक लड़का और एक लड़की हैं।
मो बड़ भउणीर गोटिए पुअ ओ गोटिए झिअ *अटंति*।

उपर्युक्त वाक्यों के रेखांकित क्रियारूप 'ଅଟେ' (अटे), ଅଟୁ (अटु), ଅଟନ୍ତି (अटंति) सुनिश्चित अस्तित्व तथा स्वामित्व को दिखाता है।

IV. पाठ दो में आप ओड़िआ के 'ଅଛି' (अछि) क्रियावाले वाक्यों से परिचित होगये हैं।
जैसे- 'ଛି' (छि), 'ଅଛି' (अछि), 'ଛନ୍ତି' (छंति), 'ଅଛନ୍ତି' (अछंति)

ଉଦାହରଣ :- ତୁମ ଦୋକାନରେ କି କି ବହି ସବୁ ଅଛି ? तुमारी दुकान में कौन-कौन सी पुस्तकें हैं?
तुम दोकानरे कि कि बहि सबु अछि ?

आपने ये भी पढ़ा है की (अछि) क्रिया का अर्थ हैं में है/ का, की, के हैं। संज्ञा के लिंग, वचन के अनुसार इस के रूप बदलते हैं।

(1.1 से 6 तक) के वाक्यों में रेखांकित शब्द पुल्लिंग वाचक हैं। जो संज्ञा शब्द पुरुष प्राणिवाचक के द्योतक हैं, वे पुल्लिंग संज्ञाएँ हैं।

(2.1 से 3 तक) के वाक्यों में रेखांकित शब्द स्त्रीलिंग वाचक हैं। जो संज्ञा शब्द स्त्री प्राणिवाचक के हैं वे स्त्रीलिंग संज्ञाशब्द हैं।

(3.1 से 3 तक) के वाक्यों में रेखांकित शब्द उभयलिंग वाचक हैं। जो शब्द स्त्री और पुरुष, प्राणिवाचक के हैं वे 'उभयलिंग' कहलाते हैं।

(4.1 से 4 तक) के वाक्यों में क्लीवलिंग संज्ञाएँ हैं। अप्राणिवाचक संज्ञाओं को क्लीवलिंग कहते हैं।

V. **ओड़िआ में पुल्लिंग-वाचक शब्दों को स्त्रीलिंग बनाने के लिए** -'ଇ' **(इ)**, -'ଆ' **(आ)**, -'ଣୀ' **(णी)**, -'ଆଣୀ' **(आणी)**, -'ଉଣୀ' **(उणी)**, -'ଇଆଣୀ' **(इआणी) आदि प्रत्ययों का प्रयोग होता है।**

ମୟୂର + -ଇ = ମୟୂରୀ	**मयुर + ई = मयुरी**
ଓଡ଼ିଆ + -ଣୀ = ଓଡ଼ିଆଣୀ	**ओडिआ + णी = ओड़िआणी**
ଡାକ୍ତର + -ଆଣୀ = ଡାକ୍ତରାଣୀ	**डाक्तर + आणी = डाक्तराणी**
ବାଘ + -ଉଣୀ = ବାଘୁଣୀ	**बाघ + उणी = बाघुणी**
ପଣ୍ଡିତ + -ଇଆଣୀ = ପଣ୍ଡିତଆଣୀ	**पंडित + इआणी = पंड़ितआणी**

VI. **कुछ पुल्लिंग संज्ञा शब्दों के स्त्रीवाचक शब्द भिन्न होते हैं।**

ବାପା - ମାଆ — **'पिताजी-माताजी'**

बापा - माआ

ଅଜା - ଆଈ — **'नाना - नानी'**

अजा - आई

ପୁଅ - ଝିଅ — **'बेटा - बेटी'**

पुअ - झिअ

VII. **कुछ उभयलिंग वाचक संज्ञाओं के साथ** 'ଅଣ୍ଡିରା' **(अण्डिरा)**, 'ମରଦ' **(मरद)**, 'ପୁରୁଷ' **(पुरुष) और** 'ମାଈ ଝିଅ' **(माइ झिअ)**, 'କନ୍ୟା' **(कन्या)**, 'ସ୍ତ୍ରୀ' **(स्त्री) आदि का प्रयोग कर पुल्लिंग और स्त्रीलिंग वाचक शब्द बनते हैं।**

उदाहरण:-

ପିଲା **(पिला)** — **उभयलिंग वाचक संज्ञा - 'बच्चा' (एकवचन)**

ପୁଅ + ପିଲା = ପୁଅପିଲା — **पुल्लिंग वाचक - 'लड़के'**

(बहुवचन)
पुअ + पिला = पुअपिला
ଝିଅ + ପିଲା = ଝିଅପିଲା **स्त्रीलिंग वाचक - 'लड़कियाँ' (बहुवचन)**
झिअ + पिला = झिअपिला